## ସଂକ୍ଷେପରେ

### କନିଷ୍ଠ ସରକାରୀ ମହାବିଦ୍ୟାଳୟରେ ୫୮ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

କୋରାପୁଟ,୧୯।୮(ସ୍ୱ.ପ୍ର.)-କୋରାପୁଟସ୍ଥିତ କନିଷ୍ଠ ସରକାରୀ ମହାବିଦ୍ୟାଳୟ ଯୁକ୍ତ ୨ ବାଣିଜ୍ୟରେ ୫୫.୨ ପ୍ରତିଶତ ଫଳାଫଳ ହୋଇଛି। ଚଳିତ ବର୍ଷ ମହାବିଦ୍ୟାଳୟର ୧୦୫ ଜଣ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଦେଇଥିଲେ। ସେଥିରୁ ୬ ଜଣ ପ୍ରଥମ ଶ୍ରେଣୀ, ୧୦ ଜଣ ଦ୍ୱିତୀୟ ଓ ୪୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି।

### କୋରାପୁଟ: ଜିଲାରେ ବର୍ଷାରେ ଭାଙ୍ଗିଛି ୬୭ ଘର

କୋରାପୁଟ,୧୯।୮(ସ୍ୱ.ପ୍ର.)- କୋରାପୁଟ ଜିଲାରେ ଗତ କିଛି ଦିନ ହେଲା ଲଘୁଚାପ ବର୍ଷା ଲାଗି ରହିଛି। ଫଳରେ ଜିଲାରେ ୬୭ଟି ଘର ଭାଙ୍ଗିଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ୬୬ଟି ଘର ଆଂଶିକ ଭାବେ ଭାଙ୍ଗିଥିବାବେଳେ ଗୋଟିଏ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଜଣାପଡିଛି। । ମଙ୍ଗଳବାର ସନ୍ଧ୍ୟା ସୁଧା ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଜିଲାର କୋରାପୁଟ ତହସିଲରେ ୩ଟି ଘର ଭାଙ୍ଗିଥିବା ବେଳେ ବୈପାରିଗୁଡା ତହସିଲରେ ୨୨ଟି, ମାଛକୁଣ୍ଡ ତହସିଲରେ ୮ଟି, ଦଶମନ୍ତପୁର ତହସିଲରେ ୫ଟି, ନାରାୟଣପାଟଣା ତହସିଲରେ ୧୩ଟି, ଜୟପୁର ତହସିଲରେ ୭ଟି, କୋଟପାଡ ତହସିଲରେ ୫ଟି, କୁନ୍ଦୁରା ତହସିଲରେ ୪ଟି ଘର ଭାଙ୍ଗିଛି। ବୁଧବାର ଜିଲାରେ ୧୨୪.୮ ମିମି ବର୍ଷା ହୋଇଛି।

### ମାଲକାନଗିରି: ୭୩ ଆକ୍ରାନ୍ତ ଚିହ୍ନଟ

ମାଲକାନଗିରି,୧୯।୮ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ବୁଧବାର ୭୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୭୫ରେ ପହଞ୍ଚିଛି। ଚିହ୍ନଟ ୭୩ ଜଣଙ୍କ ମଧ୍ୟରୁ ମାଲକାନଗିରି ପୌର ପରିଷଦରୁ ୩୦ ଜଣ, ବାଲିମେଳା ଏନଏସିରୁ ୧୨, କୋରୁକୋଣ୍ଡା ବ୍ଲକର ୧୪, ଖଇରପୁଟ ବ୍ଲକରୁ ୮, ମାଥିଲି ବ୍ଲକରୁ ୨, ଚିତ୍ରକୋଣ୍ଡା ବ୍ଲକରୁ ୩, ମାଲକାନଗିରି ବ୍ଲକରୁ ୨ ଓ ପଡିଆ ବ୍ଲକରୁ ୨ଜଣ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।

### ମୋଟୁ ଅଞ୍ଚଳ ସ୍ଥିତି ସୁଧୁରୁଛି

ଏମଭି ୭୯,୧୯।୮(ଡି.ଏନ.ଏ.)-ଗତ ଏକ ସପ୍ତାହ ହେଲା ମାଲାକନଗିରି ଜିଲା ଲାଗିରହିଛି ଲଘୁଚାପଜନିତ ଲଗାଣ ବର୍ଷା। ସୀମାନ୍ତ ମୋଟୁରେ ଥିବା ସିଲେରୁ ଓ ସାବେରୀ ନଦୀ ଜଳ ବଢି ଚାଲିଥିଲା। ତେବେ ମଙ୍ଗଳବାର ରାତିରୁ ଟିକେ ବର୍ଷା କମିବାରୁ ଉକ୍ତ ଅଞ୍ଚଳର ସ୍ଥିତି ସୁଧୁରିବାରେ ଲାଗିଛି। ଅନ୍ୟପକ୍ଷରେ ବୁଧବାର ସକାଳଠାରୁ ଜିଲାରେ ପୁଣି ବର୍ଷା ଯୋଗୁ କାଲିମେଳା ବ୍ଲକର କାଙ୍ଗୁରକୋଣ୍ଡା ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ପୋଲିସ ପକ୍ଷରୁ ପୋଲ ନିକଟରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଯଦି ଜଳସ୍ତରବୃଦ୍ଧି ପାଇବ ତା'ହେଲେ ଏମଭି-୯୦ ଓ ଏମଭି-୯୬ ପୋଲ ଉପରେ ମଧ ଜଳସ୍ତର ବଢିବା ଆଶଙ୍କା ରହିଛି।

### ଜୟପୁରରେ ୯ଘଣ୍ଟା ଧରି ପ୍ରବଳ ବର୍ଷା

ଜୟପୁର,୧୯।୮(ଡି.ଏନ.ଏ )- ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡିଶାରେ ବୁଧବାର ପ୍ରବଳ ବର୍ଷା ହୋଇଛି । କୋରାପୁଟ ଜିଲା ଜୟପୁର ସହରରେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୯ ଘଣ୍ଟାରେ ୮୮ ମିମି ବର୍ଷା ହୋଇଛି । ପାରାବେଢ଼ା ଅଞ୍ଚଳର କେତେକ ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ବର୍ଷା ପାଣି ପଶିଛି।

# ରାସ୍ତା କାମକୁ ନେଇ ୩ ଗାଁର ଗ୍ରାମବାସୀଙ୍କ ମଧ୍ୟରେ ବିବାଦ

ଜୟପୁର,୧୯।୮ (ନି.ପ୍ର.)

- ଜଣେ ଠିକାଦାରଙ୍କୁ ବିକ୍ରି କରାଯାଇଥିଲା କାର୍ଯ୍ୟ
- ବିଡିଓଙ୍କୁ ଭେଟି ଗ୍ରାମବାସୀ ଦେଲେ ଦାବିପତ୍ର
- କାର୍ଯ୍ୟାଦେଶ ରହିବ ଜେଇଙ୍କ ନାମରେ

୯ଲକ୍ଷ ଟଙ୍କାର ଏକ ରାସ୍ତା ନିର୍ମାଣ କାର୍ଯ୍ୟକୁ ଗ୍ରାମର ୨ଜଣ ଯୁବକ ୧ଲକ୍ଷ ଟଙ୍କାରେ ଜଣେ ଠିକାଦାରଙ୍କୁ ବିକ୍ରିକରି ଦେଇଛନ୍ତି। ଏହା ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ଦେଖାଇଛି। ସରପଞ୍ଚଙ୍କ ହସ୍ତକ୍ଷେପ ପରେ ମଧ ଘଟଣାର କିଛି ସମାଧାନ ହୋଇପାରିନାହିଁ। ଏହାର ତଦନ୍ତ ନ ହେବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରିବା ପାଇଁ ୩ଟି ଗ୍ରାମର ଅଧିବାସୀ ବିଡିଓ ସୂରଯ ପଟ୍ଟନାୟକଙ୍କୁ ଭେଟି ମଙ୍ଗଳବାର ଅପରାହ୍ଣରେ ଏକ ଦାବିପତ୍ର ଦେଇଛନ୍ତି। ବିଡିଓ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଗ୍ରାମକୁ ଫେରିଛନ୍ତି। ଖବରରୁ ଜଣାପଡିଛି ଜୟପୁର ବ୍ଲକ କାଙ୍ଗା ପଞ୍ଚାୟତର କାଙ୍ଗା କେନାଲ ମୁଣ୍ଡା ଛକଠାରୁ ସାନମୁଣ୍ଡା କେନାଲ ଛକ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବିଜୁ କେବିକେ ଯୋଜନାରେ



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ଜୟପୁର ବ୍ଲକକୁ ୯ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ରାସ୍ତା କାର୍ଯ୍ୟ ଆମେ ଗ୍ରାମବାସୀ ମିଶି କରିବୁ ବୋଲି ପୂର୍ବରୁ ସାନମୁଣ୍ଡାଗୁଡା,କଟରିୟଗୁଡା ଏବଂ କଛିୟାଗୁଡା ଗ୍ରାମର ଲୋକମାନେ ଯାଇ ବିଡିଓଙ୍କୁ ଜଣାଇଥିଲେ। ସେହି ଅନୁସାରେ କାର୍ଯ୍ୟ କରାଯିବାକୁ ପ୍ରସ୍ତୁତି ଚାଲିଥିବା ବେଳେ ବାହାର ଅଞ୍ଚଳର ଜଣେ ଠିକାଦାରଙ୍କ ସହ ମୂଲଚାଲ କରି ସନମୁଣ୍ଡାଗୁଡା ଗ୍ରାମର ୨ଜଣ ବ୍ୟକ୍ତି ୧ ଲକ୍ଷ ଟଙ୍କା ନେଇ ଆସିଥିବା ଜଣାପଡ଼ିଛି। ଏହା ପ୍ରଚାର ହେବା ପରେ ଉପରୋକ୍ତ ୩ ଗ୍ରାମର ଲୋକଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଗ୍ରାମବାସୀ ଯାଇ ବିଡିଓ ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଏଣିକି ବିନା ଗ୍ରାମସଭା ଓ ପଲ୍ଲିସଭା ବ୍ୟତୀତ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହେବନାହିଁ। କାର୍ଯ୍ୟର କାର୍ଯ୍ୟାଦେଶ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ(ଜେଇ)ଙ୍କ ନାମରେ ହିଁ ରହିବ। କାର୍ଯ୍ୟ ନେଇ ତିନି ଗ୍ରାମର ଲୋକଙ୍କୁ ଏକାଠିକରି ଏହାର ସମାଧାନ କରାଯିବ। ଗ୍ରାମବାସୀ କରିଥିବା ଅଭିଯୋଗର ତଦନ୍ତ ହେବ। ଯଦି କୌଣସି ଲୋକ ଭୁଲ୍ କରିଥିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

# କରୋନା କଟକଣାକୁ ଅଣଦେଖା

ଚନ୍ଦ୍ରପୁର, ୧୯।୮(ଡି.ଏନ୍.ଏ.)

**ପିଡିଏସ୍ ସାମଗ୍ରୀ ନେବାବେଳେ ରହୁନି ସାମାଜିକ ଦୂରତ୍ୱ**

କରୋନା ମହାମାରୀ ଦିନକୁ ଦିନ ନିଜ କାୟା ବିସ୍ତାର କରିବାରେ ଲାଗିଛି। ଏହାକୁ ରୋକିବାକୁ ସରକାର ବିଭିନ୍ନ ନିୟମାବଳୀ ତିଆରି କରିଛନ୍ତି। ଲୋକେ କିନ୍ତୁ ତାହାକୁ ଠିକ୍‌ଭାବେ ପାଳନ କରୁ ନ ଥିବା ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତରେ। ସରକାରଙ୍କ ପକ୍ଷରୁ ମିଳୁଥିବା ରାଶନ ସାମଗ୍ରୀ ନେବାକୁ ଲୋକଙ୍କ ଭିଡ଼ ଜମିଥିଲା। ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ଓ ମୁହଁରେ ମାସ୍କ ନଥିଲା। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଡାଙ୍ଗସୋରଡ଼ା ପଞ୍ଚାୟତ ସଦରମହକୁମାସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ମଙ୍ଗଳବାରରୁ ଯୋଗାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ହିତାଧିକାରୀଙ୍କୁ ଚାଉଳ ଡାଲି ପ୍ରଦାନ କରାଯାଉଛି। ୫ କିଲୋ ଚାଉଳ ଓ ୨ କିଲୋ ଡାଲି ପାଇଁ ହିତାଧିକାରୀମାନେ ସେଠାରେ ଲାଇନ ଲଗାଇ ଛିଡା ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ସହ ମୁହଁରେ ମାସ୍କ ମଧ ନ ଥିଲା। ଏଭଳି ସ୍ଥାନରେ ପ୍ରଶାସନ ବିଶେଷ ଦୃଷ୍ଟି ଦିଅନ୍ତୁ। ନଚେତ ଚନ୍ଦ୍ରପୁରରେ କରୋନା ସ୍ଥିତି ଭୟଙ୍କର ହେବ ବୋଲି ବ୍ଲକ ପୂର୍ବତନ ଅଧକ୍ଷ ଭୀମ ଗଗେରଙ୍ଗା କହିଛନ୍ତି।



ଲୋକେ ରାଶନ ସାମଗ୍ରୀ ପାଇଁ ଧାଡିରେ ଛିଡ଼ା ହୋଇଛନ୍ତି।

# ଲଗାଣ ବର୍ଷାରେ ଧୋଇ ହୋଇଗଲା ରାସ୍ତା

ଦଶମନ୍ତପୁର,୧୯।୮(ଡି.ଏନ.ଏ.)

ଲଗାଣ ବର୍ଷାରେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିଲିଗୁମ୍ମା ପଞ୍ଚାୟତର ପକ୍କା ରାସ୍ତାରୁ ଗୋଟିଏ ପାର୍ଶ୍ୱ ମାଟି ଧସି ଧୋଇ ହୋଇଯାଇଛି। ଖବରରୁ ଜଣାପଡିଛି ଟିକିରାପଡ଼ା ଏବଂ ବାଘଲମତି ଗ୍ରାମକୁ ମରିଚଗୁଡ଼ା ଗ୍ରାମରୁ ଟିକିରାପଡ଼ା ଯାଏ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା। ଆର୍‌ଡ଼ି ବିଭାଗ ପକ୍ଷରୁ ଏହି ୫କିମି ରାସ୍ତା ନିର୍ମାଣ ହୋଇଥିଲା। ଲଗାଣ ବର୍ଷା ଏହି ରାସ୍ତାରେ କ୍ଷତି ପହଞ୍ଚାଇଛି। ଆଗକୁ ଯଦି ବର୍ଷା ଜାରି ରହେ ତେବେ ଏହି ରାସ୍ତା ସମ୍ପୂର୍ଣ୍ଣ ଧୋଇହୋଇଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆମେ ବିଭିନ୍ନ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ କିମ୍ବା ତହସିଲ କାର୍ଯ୍ୟାଳୟ ଯିବା



ଧୋଇ ହୋଇଯାଇଥିବା ରାସ୍ତା।

କଷ୍ଟକର ହୋଇ ପଡ଼ିବ ବୋଲି ଗ୍ରାମର ନବୀନ ମୁଦୁଲି, ମୁନି ମୁଦୁଲି, ପତି ମୁଦୁଲି, ବାସପତି ମୁଦୁଲି, କାନ୍ତ ଦିଶାରି, ଟିଙ୍ଗୁ ମୁଦୁଲି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଖବର ପାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୁର୍ଗା ଚରଣ ମାରାଣ୍ଡି ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଲେ ଯେ, ଲଗାଣ ବର୍ଷାରେ ରାସ୍ତା ନଷ୍ଟ ହେବାନେଇ ମୁଁ ଜିଲାପାଳଙ୍କୁ ଅବଗତ କରାଇଛି। ଜିଲା ପ୍ରଶାସନ ପକ୍ଷରୁ ଅନୁଦାନ ଆସିଲେ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ।

## ସର୍ବସାଧାରଣ ସ୍ଥାନରେ ହେବନି ଗଣେଶ ପୂଜା

ମାଲକାନଗିରି, ୧୯।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରଶାସନ ଅଗଷ୍ଟ ୨୨ରେ ହେବାକୁ ଥିବା ଗଣେଶ ପୂଜା ଉପରେ କଟକଣା ଲଗାଇଛି। ସର୍ବସାଧାରଣ ସ୍ଥାନ ଓ ପୂଜା ମଣ୍ଡପରେ ପୂଜା ହେବନାହିଁ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଯେହେତୁ ଜିଲାରେ କରୋନା ସଂକ୍ରମଣ ବଢୁଛି ତାହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ନିଜ ନିଜ ଘରେ ପୂଜା କରିବା ପାଇଁ ଅନୁଷ୍ଠାନ ଏବଂ ବିଭିନ୍ନ ସଙ୍ଗଠନକୁ ଅନୁରୋଧ କରାଯାଇଛି। ସ୍କୁଲରେ ବିଧିରକ୍ଷା ପାଇଁ ଅଳ୍ପ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକମାନେ କୋଭିଡ୍ ଗାଇଡ୍‌ଲାଇନ ମାନି ପୂଜା କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୩୬ କରୋନା ପଜିଟିଭ ଚିହ୍ନଟ

ନବରଙ୍ଗପୁର,୧୯।୮(ବି.ପ୍ର.)

ନବରଙ୍ଗପୁର ଜିଲାରେ ବୁଧବାର ୩୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସର୍ବାଧିକ ୧୦ଜଣ ନବରଙ୍ଗପୁର ବ୍ଲକରୁ ବୋଲି ଜଣାପଡିଛି। ବୁଧବାର ଚିହ୍ନଟ ୩୬ ଜଣଙ୍କ ମଧ୍ୟରୁ ନବରଙ୍ଗପୁର ବ୍ଲକ ହିର୍ଲି ଓ ଚିକିଲି ଗାଁରୁ ୧୦, ନବରଙ୍ଗପୁର ପୌରାଞ୍ଚଳର ୯, ଉମରକୋଟ ପୌରାଞ୍ଚଳରୁ ୫, ଉମରକୋଟ ବ୍ଲକରୁ ୩, ତେନ୍ତୁଲିଖୁଣ୍ଟି ବ୍ଲକରୁ ୨, ଚନ୍ଦାହାଣ୍ଡି ବ୍ଲକରୁ ୪, କୋଷାଗୁମୁଡା, ପାପଡାହାଣ୍ଡି ଓ ନନ୍ଦାହାଣ୍ଡି ବ୍ଲକରୁ ଜଣେ ଲେଖାଏଁ ପଜିଟିଭ ବାହାରିଥିବା ସୂଚନା ମିଳିଛି। ପ୍ରକାଶ ଯେ, ଜିଲାର ମୋଟ ୫୯୭ ଆକ୍ରାନ୍ତଙ୍କ ମଧ୍ୟରୁ ୪୨୪ ଜଣ ସୁସ୍ଥ ହୋଇଛନ୍ତି। କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୭୨ ଓ ଘରେ ରହି ଡାକ୍ତରଙ୍କ ପରାମର୍ଶ କ୍ରମେ ୬୪ ଜଣ ଚିକିତ୍ସିତ ହେଉଛନ୍ତି।

## ରନ୍ଧାମଦ ଜବତ, ୩ ଗିରଫ

ଆସିକା,୧୯।୮(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢାକେନ୍ଦୁ ଜଙ୍ଗଲରେ ମଙ୍ଗଳବାର ରାତିରେ ପୋଲିସ ଚଢାଉ କରି ୨୫୦ ଲିଟର ରନ୍ଧାମଦ ଓ ଗୋଟିଏ ବାଇକ୍ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଥାନାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କହିଛନ୍ତି ।

# ଖାଦ୍ୟ ପ୍ରକ୍ରିୟାକରଣ, ଲଘୁ ଉଦ୍ୟୋଗ ପ୍ରତିଷ୍ଠାକୁ ଗୁରୁତ୍ୱ

ନବରଙ୍ଗପୁର,୧୯।୮(ବି.ପ୍ର.)

କେନ୍ଦ୍ର ଖାଦ୍ୟ ଜ୍ଞାନ କୌଶଳ ଗବେଷଣା ସଂସ୍ଥାନ (ସିଏଫ୍‌ଟିଆର୍‌ଆଇ) ହାଇଦ୍ରାବାଦ ପକ୍ଷରୁ ନବରଙ୍ଗପୁର ଜିଲାର ଉଦ୍ୟୋଗୀମାନଙ୍କ ସହ ଭିଡିଓ କନଫ୍ରେନ୍ସରେ ଏକ ସମୀକ୍ଷା ବୈଠକ କରାଯାଇଛି। ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ଭିଡିଓ କନଫ୍ରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲାର ସମସ୍ତ ବ୍ଲକରେ ମିଳୁଥିବା ଫଳ ଓ ପନିପରିବା, ଶଷ୍ୟ ଓ ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ଉଦ୍ୟୋଗ ପ୍ରତିଷ୍ଠା କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ମକା ଓ ମାଣ୍ଡିଆକୁ ବ୍ୟବହାର କରି ଲଘୁ ଉଦ୍ୟୋଗ ପ୍ରତିଷ୍ଠା କରିବାରେ ଜିଲା ପ୍ରଶାସନର ସହଯୋଗ ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସିଏଫ୍‌ଟିଆର୍‌ଆଇର ପ୍ରଧାନ ବୈଜ୍ଞାନିକ ପି.ଜ୍ୟୋତିର୍ମୟୀ, ସିଏସ୍‌ଆର୍‌ଆଇ ଏମ୍‌ଏମ୍‌ଟିର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ସନ୍ତୋଷ କୁମାର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରଦୋଷ କୁମାର ପଣ୍ଡା, ଡିଏସ୍‌ଏମ୍‌ଏସ୍‌ର ଏ. ଉମା ମହେଶ ଯୋଗ ଦେଇଥିଲେ। ଘରୋଇ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ଦେଖା ଦେଉଥିବା ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ଉଦ୍ୟୋଗୀଙ୍କୁ ଅତିଥି ପରାମର୍ଶ ଦେଇଥିଲେ। ଉଦ୍ୟୋଗୀ ମାନେ ଋଣ ପ୍ରଦାନ ବ୍ୟବସ୍ଥା ସହ ଆବଶ୍ୟକ ଯନ୍ତ୍ରପାତି ଯୋଗାଇବାକୁ ଅନୁରୋଧ କରିଥିଲେ।

# ନବରଙ୍ଗପୁର ଜିଲାରେ ଆରମ୍ଭ ହେବ ଫ୍ଲୋରିକଲ୍‌ଚର

ନବରଙ୍ଗପୁର,୧୯।୮(ବି.ପ୍ର.)

ଲକ୍ଷ୍ନୌ ରାଷ୍ଟ୍ରୀୟ ବନସ୍ପତି ଗବେଷଣା ଅନୁଷ୍ଠାନ ପକ୍ଷରୁ ନବରଙ୍ଗପୁର ଜିଲାରେ ଖୁବ୍ ଶୀଘ୍ର ପୁଷ୍ପ କୃଷି ମିଶନ(ଫ୍ଲୋରିକଲ୍‌ଚର)ଆରମ୍ଭ ହେବ। ଜିଲା ପ୍ରଶାସନ ସହଯୋଗରେ ଏହି ମିଶନ ଆସନ୍ତା ୩ ବର୍ଷ କାର୍ଯ୍ୟ କରିବ ବୋଲି ଏନ୍‌ବିଆର୍‌ଆଇ ନିର୍ଦ୍ଦେଶକ ପ୍ରଫେସର ସରୋଜ ବାରିକ ସୂଚନା ଦେଇଛନ୍ତି। ପରିଷଦ ପକ୍ଷରୁ ଫୁଲ ଓ ମହୁଚାଷକୁ ପ୍ରୋତ୍ସାହନ ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି ସେ କହିଛନ୍ତି। ବିଭିନ୍ନ କିସମର ଫୁଲଚାଷ କରି ମୂଲ୍ୟଯୁକ୍ତ ପଦାର୍ଥ ତିଆରି କରିବା ସହ ମହୁଚାଷ କରାଯିବ ବୋଲି ସେ କହିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମରେ ଏନ୍‌ବିଆର୍‌ଆଇର ମୁଖ୍ୟ ବୈଜ୍ଞାନିକ ଡ. କୃଷ୍ଣ ତିୱାରୀ ଯୋଗଦେଇ ହଳଦୀପତ୍ରରୁ ତେଲ ପ୍ରସ୍ତୁତ ସହ ବିଭିନ୍ନ ପଦାର୍ଥ ତିଆରିର ଜ୍ଞାନକୌଶଳ ସମ୍ପର୍କରେ ସୂଚନା ଦେଇଥିଲେ। ଏନ୍‌ବିଆର୍‌ଆଇ ପ୍ରଧାନ ବୈଜ୍ଞାନିକ ବିବେକ ଶ୍ରୀବାସ୍ତବ, ଡ. ଶରଦ ଶ୍ରୀବାସ୍ତବ, ଡ. ବିଓନ ସିଂ, ଯୁବ ଉଦ୍ୟୋଗୀ ଅଜିତ ନାୟକ, ହିମାଂଶୁ ତ୍ରିପାଠୀ, କ୍ରିଷ୍ଣା ଚନ୍ଦ୍ର ନାୟକ, ଜ୍ୟୋତି ରଞ୍ଜନ କଂସ, ଡ. ସନ୍ତୋଷ କୁମାର ମିଶ୍ର, ଓର୍‌ମାସର ଉପ କାର୍ଯ୍ୟନିର୍ବାହୀ ଏମ୍. ଉମା ମହେଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ଜ୍ଞାନକୌଶଳ ପ୍ରକଳ୍ପର କ୍ରିୟାନ୍ୱୟନ ସଭ୍ୟ ଲକ୍ଷ୍ମୀନାରାୟଣ ବକ୍ସି, ନବରଙ୍ଗପୁର ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା, ଏପିଡି ମାଧୁରୀ ତ୍ରିପାଠୀ ଯୋଗଦେଇଥିଲେ।

# ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ନିଷ୍ପତ୍ତି ପରେ ଖବରଦାତା ସମ୍ମିଳନୀ

ନବରଙ୍ଗପୁର,୧୯।୮(ବି.ପ୍ର.)

କୋଡ଼ିଙ୍ଗାରେ ବିଚାରବିଭାଗୀୟ ପ୍ରଥମଶ୍ରେଣୀ ଅଦାଲତ(ଜେଏମ୍‌ଏଫ୍‌ସି) ସ୍ଥାପନ କରାଯିବା ନେଇ ବିଜ୍ଞପ୍ତି ଜାରି ହେବା ପରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀ ଚିଠି ମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ ଚିଠି ନମ୍ବର ୭୩୫୪(୨୪)ରେ କୋଡ଼ିଙ୍ଗାରେ ଏକ ପ୍ରଥମଶ୍ରେଣୀ ଅଦାଲତ ଖୋଲିବା ପାଇଁ ବିଜ୍ଞପ୍ତି ଜାରି କରିଥିବାରୁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ବୋଲି ଆଇନଜୀବୀ ତଥା ଭାଜପା ନେତା କୁଞ୍ଜବିହାରୀ ଦାଶ ସ୍ଥାନୀୟ ଏକ ଲଜ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। କୋର୍ଟ ସ୍ଥାପନ ବିଜ୍ଞପ୍ତି ଆସିବା ପରେ ହାଇକୋର୍ଟ ପ୍ରୋଟୋକଲ ଜଜ୍, ବିଚାରପତି, ଜିଲା ଜଜ୍, ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଓ ସଚିବ, ଜିଲାପାଳ, ଏମ୍‌ପି, ନବରଙ୍ଗପୁର ଓ ଡାବୁଗାଁ ବିଧାୟକଙ୍କୁ କୃତଜ୍ଞତା ଜଣାଇ ଚିଠି ପ୍ରଦାନ କରାଯାଇଛି। କୋଡ଼ିଙ୍ଗାରେ ଆବଶ୍ୟକ ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ ଥିବାରୁ ତୁରନ୍ତ ଅଦାଲତ ସ୍ଥାପନକରି ଲୋକାର୍ପଣ କରାଗଲେ ଜନସାଧାରଣ ଉପକୃତ ହେବେ ବୋଲି ଖବରଦାତା ସମ୍ମିଳନୀରେ ଅତିଥିମାନେ କହିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ କୋଷାଗୁମୁଡ଼ା ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଧରମ ସିଂ, କଂଗ୍ରେସ ନେତା ତଥା ଆଇନଜୀବୀ ଉମେଶ ଚନ୍ଦ୍ର ମିଶ୍ର, ଆଇନଜୀବୀ ତଥା ଭାଜପା ନେତା ଅରୁଣ ପ୍ରସନ୍ନ ନାୟକ, ଆଇନଜୀବୀ ଅର୍ଜୁନ ବିଷୋୟୀ, ପ୍ରଫୁଲ୍ଲ ସିଂ, ଦେବେନ୍ଦ୍ର କୁମାର ବାଘ, ଅମରେଶ ପାଣିଗ୍ରାହୀ, ତୁଳସିରାମ ସମରଥ ଓ ବ୍ଲକ ଉପାଧ୍ୟକ୍ଷ ପଦ୍ମସାଏ ମାଳି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତ ୨ ବାଣିଜ୍ୟରେ ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜକୁ ସଫଳତା

କୋରାପୁଟ,୧୯।୮(ସ୍ୱ.ପ୍ର.)

ବୁଧବାର ପ୍ରକାଶ ପାଇଛି ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳ। ଏଥିରେ କୋରାପୁଟ ପୁଜାରିପୁଟସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜର ଶତ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଥିବା କଲେଜ ଅଧ୍ୟକ୍ଷ ସୁବ୍ରତ ମିଶ୍ର ସୂଚନା ଦେଇଛନ୍ତି। ଚଳିତ ବର୍ଷ କଲେଜରୁ ୨୦ ଜଣ ଛାତ୍ରୀଛାତ୍ର ବାଣିଜ୍ୟ ପରୀକ୍ଷା ଦେଇଥିଲେ। ସେଥିରୁ ୭ ଜଣ ପ୍ରଥମ ଶ୍ରେଣୀ, ୯ ଜଣ ଦ୍ୱିତୀୟ ଶ୍ରେଣୀ ଓ ୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଆଶିଷ କୁମାର ଗୁପ୍ତା ୮୩.୫ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ମହମ୍ମଦ ମିରଜ ମେହଫୁଜ ୮୨.୬ ପ୍ରତିଶତ ଓ ରାହୁଲ ରାୟ ୭୮ ପ୍ରତିଶତ ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩ ବର୍ଷ ହେଲା ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜ ବାଣିଜ୍ୟ ବିଭାଗରେ ଶତପ୍ରତିଶତ ଫଳାଫଳ କରୁଛି। ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ମଧ କଲେଜ ୯୭.୨ ପ୍ରତିଶତ ସଫଳତା ହାସଲ କରିଥିଲା ।



ଆଶିଷ

# ମୁଦାଖାଲ ଅଞ୍ଚଳ ଗସ୍ତ କଲେ ତହସିଲଦାର

ମାଲକାନଗିରି/ କାଲିମେଳା, ୧୯।୮ (ଡି.ଏନ୍.ଏ.)

**ଧରିତ୍ରୀ ପ୍ରଭାବ**

ଗତ ଏକ ସପ୍ତାହ ଧରି ପ୍ରବଳ ବର୍ଷା ଯୋଗୁ କାଲିମେଳା ବ୍ଲକ ପୋଟେରୁ ନଦୀକୂଳିଆ ଅଞ୍ଚଳ ଚିତ୍ରାଙ୍ଗପାଲି, ମାନ୍ଦାପାଲି, ଗୁମୁକା,ନିଲିଗୁଡା, ମାଟାପାକା, ମାଟେରୁ ପଞ୍ଚାୟତର ବହୁ ଗ୍ରାମ ପ୍ରଭାବିତ ହୋଇଥିଲା। ଶତାଧିକ ଏକର ଚାଷଜମି ନଷ୍ଟ ହୋଇଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବୁଧବାର କାଲିମେଳା ତହସିଲଦାର ଅଶୋକ କୁମାର ଅନୁଗୁଳିଆ ଓ କୃଷି ବିଭାଗ ଅଧିକାରୀମାନେ ଚିତ୍ରାଙ୍ଗପାଲ ପଞ୍ଚାୟତରମୁଦାଖାଲ ଗ୍ରାମ ଗସ୍ତ କରିଥିଲେ। ଏଥିସହ ଅନ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ଆକଳନ କରିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ପଟେରୁ ନଦୀରେ ବନ୍ୟା ଆସିବା ଯୋଗୁ ଚିତ୍ରାଙ୍ଗପାଲି ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷୀଙ୍କ ଧାନ ଜମିରେ ୫ଦିନ ହେଲା ବନ୍ୟା ଜଳ ପ୍ରବେଶ କରି ରୁଆ ଏବଂ ବୁଣା ଧାନକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି।



ତହସିଲଦାର ଓ ଅନ୍ୟ ଅଧିକାରୀମାନେ ମୁଦାଖାଲ ଗ୍ରାମ ପରିଦର୍ଶନ କରୁଛନ୍ତି।

# ବର୍ଷକରେ ୧୦ଥର ମରାମତି ହେଲାଣି ରାସ୍ତା

ନବରଙ୍ଗପୁର,୧୯।୮(ବି.ପ୍ର.)

- ଏବେ ବି ରାସ୍ତା ସାରା ଖାଲଖମା
- ଜିଲାପାଳ ଦୃଷ୍ଟିଦେବାକୁ ଦାବି

ମଙ୍ଗଲମ ଟିମ୍ବର-ମହିଳା ମହାବିଦ୍ୟାଳୟ ଛକ ଦେଇ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତାକୁ ଏକତରଫା ଭାରିଯାନ ଚଳାଚଳ ପାଇଁ ରାସ୍ତା କରାଯାଇଛି। ଏହି ରାସ୍ତା ନିର୍ମାଣର ବର୍ଷକ ମଧ୍ୟରେ ଏହାର ଅବସ୍ଥା ଶୋଚନୀୟ ହୋଇଗଲାଣି। ମନ୍ତ୍ରୀ, ସଚିବ ଓ ରାଜ୍ୟପାଳ ଆସିବାକୁ ଥିଲେ ଏହି ରାସ୍ତାକୁ କିଛି ମାତ୍ରାରେ ମରାମତି କରାଯାଉଛି। ଜନସାଧାରଣ ଓ ଗାଡ଼ି ଚଳାଚଳ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ରାସ୍ତାକୁ ବର୍ଷକ ମଧ୍ୟରେ ୧୦ଥର ମରାମତି କରାଗଲାଣି। ନିମ୍ନମାନର କାମ ଯୋଗୁ ରାସ୍ତା ଅବସ୍ଥା ଏଭଳି ବୋଲି ଅଞ୍ଚଳବାସୀ କହିଛନ୍ତି। ରାସ୍ତାରେ ବଡ଼ ବଡ଼ ଗାତ ଥିବାରୁ



ମହିଳା ମହାବିଦ୍ୟାଳୟରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଛକ ରାସ୍ତା।

ସେଥିରେ ବର୍ଷାପାଣି ଜମି ରହୁଛି। ଫଳରେ ଲୋକେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି।

ସେହିଭଳି ହିର୍ଲି ଛକରୁ ମହିଳା ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ଏକ ବର୍ଷ ବିତିନାହିଁ । ଖାଲଖମା ସୃଷ୍ଟି ହୋଇ ତାହା ଦବିବାରେ ଲାଗିଲାଣି। ରାସ୍ତା ନିର୍ମାଣ ଓ ମରାମତି ନାଁରେ ବ୍ୟାପକ ଅର୍ଥ ସରକାର ଖର୍ଚ୍ଚ କରୁଥିଲେ ସୁଦ୍ଧା ବିଭାଗର ଆନ୍ତରିକତା ଅଭାବରୁ ଏହିଭଳି ନିମ୍ନମାନର କାମ ହେଉଛି ବୋଲି ଲୋକେ କହିଛନ୍ତି। ଅଭିଯୋଗ ହେଲେ କିଛି ମେଟାଲ ଓ ପଥରଗୁଣ୍ଡ ପକାଇ କାମ ସାରି ଦେଉଛି ବିଭାଗ ; ଯାହାକି ଏକସପ୍ତାହ ମଧ ଟିକୁନାହିଁ। ମରାମତି ନାଁରେ ଆସୁଥିବା ବ୍ୟାପକ ଅର୍ଥ ଚଳୁ ହେଉଥିବା ଲୋକେ କହିଛନ୍ତି। ଏନେଇ ଜିଲାପାଳ ଏହି ରାସ୍ତା ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଦାବି ହେଉଛି। ରାସ୍ତା ଓ ଗୃହ ବିଭାଗର ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମାର୍ଣ୍ଡିଙ୍କୁ ଏ ନେଇ ପଚାରିବାରୁ ଭାରିଯାନ ଚଳାଚଳ ହେତୁ ଏହି ରାସ୍ତାରୁ ପିଚୁ ଉଠିଯାଉଛି। ତୁରନ୍ତ ମରାମତି କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜମିରୁ ପାଣି ଛାଡୁନି, ଚିନ୍ତାରେ ଚାଷୀ

କାଲିମେଲା,୧୯।୮(ଡି.ଏନ.ଏ.)- ଲଘୁଚାପ ପ୍ରଭାବରେ ଲଗାଣବର୍ଷା ଜାରି ରହିଥିବାରୁ କାଲିମେଲା ବ୍ଲକର ଚିତ୍ରାଙ୍ଗପାଲି, କାଙ୍ଗୁରୁକୋଣ୍ଡା, ମୋଟୁ, ପୁଷ୍ପୁଗୁଡା ଭଳି ଅନେକ ପଞ୍ଚାୟତରେ ଚାଷ ଜମିରେ ପାଣି ଜମି ରହିଥିବାରୁ ଚାଷ ନଷ୍ଟ ହୋଇଛି । ଜମିରୁ ପାଣି ଛାଡୁ ନ ଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁନି। ଫଳରେ କରଜକରି ଚାଷ କରିଥିବା ଗରିବ ଆଦିବାସୀ ଚାଷୀମାନେ ଋଣ ଶୁଝିବା ନେଇ ଚିନ୍ତାରେ ପଡିଛନ୍ତି। ସରକାରୀ ସାହାଯ୍ୟ ମିଳିଲେ ଚାଷ କାର୍ଯ୍ୟ ଆରମ୍ଭ କରିବାକୁ ଆଶା ରଖିଛନ୍ତି।

### ପିଣ୍ଟୁ ଶାହା ଜିଲା ଯୁବ କଂଗ୍ରେସ ସଭାପତି



ଗୁଣପୁର,୧୯।୮(ଡି.ଏନ.ଏ)- ରାୟଗଡା ଜିଲା ଯୁବ କଂଗ୍ରେସର ସଭାପତି ଭାବେ ପିଣ୍ଟୁ ଶାହା ମନୋନୀତ ହୋଇଛନ୍ତି। ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ଭିତ୍ତି କରି ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ.ସ୍ମୃତି ରଞ୍ଜନ ଲେଙ୍କା ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ପିଣ୍ଟୁ ୨୦୦୮ରେ ଗୁଣପୁର କଲେଜରେ ଛାତ୍ର ସଂସଦ ସଭାପତି ଭାବେ ବିଜୟୀ ହୋଇ ନିଜ ରାଜନୀତି ଜୀବନ ଆରମ୍ଭ କରିଥିଲେ। ପରେ ସେ ୨୦୧୦ରେ ଏନ୍ଏସ୍ୟୁଆଇର ରାଜ୍ୟ ସମ୍ପାଦକ ହୋଇଥିଲେ। ବର୍ତ୍ତମାନ ସେ ଆଇଏନଟିୟୁସିର ଜିଲା ସଭାପତି ରହିଛନ୍ତି। ପୂର୍ବରୁ ସେ ଗୁଣପୁର ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇଥିଲେ। ଜିଲାରେ ଛାତ୍ରମାନଙ୍କୁ ଏକତ୍ରିତ କରି କଂଗ୍ରେସ ଦଳକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପିଣ୍ଟୁ କହିଛନ୍ତି।

### ବିଷମକଟକ ପଞ୍ଚାୟତ ୫ ଦିନ ଶଟ୍‌ଡାଉନ

ବିଷମକଟକ, ୧୯।୮- ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୀର୍ଘ ଦିନ ଧରି କରୋନାମୁକ୍ତ ଥିଲା। କିନ୍ତୁ ଗତ ଦୁଇ ଦିନରେ ସେଠାରୁ ୬୬ଜଣ ସଂକ୍ରମିତ ଚିହ୍ନଟ ହେବାପରେ ବିଷମକଟକ ସରପଞ୍ଚ କମଳା ପିଡିକାକା ପଞ୍ଚାୟତକୁ ୫ ଦିନ ପର୍ଯ୍ୟନ୍ତ ଶଟ୍‌ଡାଉନ କରିଛନ୍ତି। ୨୦ରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଏହି ଶଟ୍‌ଡାଉନ ବଳବତ୍ତର ରହିବ। ଶଟ୍‌ଡାଉନ ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ସେହିଭଳି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୩ଜଣ କୋଭିଡ୍ ଯୋଦ୍ଧା କରୋନା ଆକ୍ରାନ୍ତ ହେବା ପରେ ଜିଲାପାଳ ୩ ଦିନ ଉକ୍ତ ସିଏଚ୍‌ସିକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସୂଚନା ଦିଆଯାଇଛି। ବୁଧବାର ବିଷମକଟକ ସହରକୁ ସାନିଟାଇଜ କରାଯାଇଛି।

### କାନ୍ଥ ପଡି ବୃଦ୍ଧା ଗୁରୁତର

କାଲିମେଲା,୧୯।୮(ଡି.ଏନ.ଏ.)- ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ ଉଣ୍ଡୁକୋଣ୍ଡା ପଞ୍ଚାୟତର ଉଣ୍ଡୁକୋଣ୍ଡା ଗ୍ରାମରେ ବୁଧବାର ରାତି ୮ଟାରେ ଘରର କାନ୍ଥ ଭୁଶୁଡିପଡି ଜଣେ ବୃଦ୍ଧା ଗୁରୁତର ହୋଇଥିବା ଜଣାପଡିଛି। ସେ ହେଉଛନ୍ତି ଉଣ୍ଡୁକୋଣ୍ଡା ଗ୍ରାମର ଇର୍ମା ମାଢ଼ିଙ୍କ ସ୍ତ୍ରୀ କସି ମାଢ଼ି (୫୫)। କସି ଘରେ ଶୋଇଥିବା ବେଳେ କାନ୍ଥ ଭୁଶୁଡି ପଡିଥିଲା। ତାଙ୍କ ଅଣ୍ଟା ଏବଂ ଗୋଡରେ ଅଘାତ ଲାଗିଛି । ତାଙ୍କୁ ଗ୍ରାମର କେତେକ ଯୁବକ କାଲିମେଲା କିମ୍ବା ମାଲକାନଗିରି ଡାକ୍ତରଖାନା ନେବାକୁ ବାହାରିଥିଲେ ମଧ୍ୟ ବାଟରେ କନ୍ୟାଶ୍ରମ ବ୍ରିଜ ଉପରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ସମସ୍ୟା ହୋଇଥିଲା। ଫଳରେ ତାଙ୍କୁ ପଡିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଚାଷୀଙ୍କୁ ଦେଉନି ସାର

ବୁଗୁଡ଼ା,୧୯।୮(ଡି.ଏନ.ଏ)- ବୁଗୁଡ଼ାର କେତେକ ସାର ଦୋକାନରେ ସାର ମହଜୁଦ ଥାଇ ମଧ୍ୟ ଚାଷୀଙ୍କୁ ଦିଆଯାଉ ନ ଥିଲା। ଏ ନେଇ ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ଫଳରେ ଚାଷୀ ସାର ପାଉଥିବା ଜଣାପଡ଼ିଛି। ବର୍ତ୍ତମାନ ବୁଗୁଡ଼ାର କେତେଜଣ ଡିଲରଙ୍କ ପାଖରେ ସାର ମହଜୁଦ ଥିଲେ ମଧ୍ୟ ସେମାନେ ଚାଷୀଙ୍କୁ ବିକ୍ରୟ କରୁ ନଥିଲେ। ବୁଧବାର ଶତାଧିକ ଚାଷୀ ସାର ନେବାକୁ ଡିଲର ଦୋକାନକୁ ଆସିଥିଲେ ମଧ୍ୟ ସେମାନଙ୍କୁ ଫେରାଇ ଦିଆଯାଇଥିଲା।

# ଜିଲାରେ ପାସ୍ ହାର ୭୩.୮୨ ପ୍ରତିଶତ

**ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାଫଳ**

ମାଲକାନଗିରି,୧୯।୮ (ଡି.ଏନ୍.ଏ.)

ବୁଧବାର ଯୁକ୍ତ ଦୁଇ ବାର୍ଣିଜ୍ୟ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ମାଲକାନଗିରି ଜିଲାରେ ପାସହାର ୭୩.୮୨ ପ୍ରତିଶତ ରହିଛି। ମାଲକାନଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁମନ କୁମାରୀ ରାଠି ୮୧ ପ୍ରତିଶତ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ଭବିଷ୍ୟତରେ ସେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଥିବା ସୁମନ କହିଛନ୍ତି। ଜିଲାର ବିଭିନ୍ନ ମହାବିଦ୍ୟାଳୟ ଗୁଡିକ ମଧ୍ୟରେ ବାଲିମେଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସହାର ୫୩ ପ୍ରତିଶତ ଥିବା ବେଳେ ଗୋବିନ୍ଦପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୬ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩ ଜଣ, ମାଲକାନଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୧ ଜଣ ପାସ କରିଛନ୍ତି। ମାଲକାନଗିରି ଜିଲାର ଛାତ୍ରୀଛାତ୍ର ମାନଙ୍କ ସଫଳତା ପାଇଁ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ମହଲରୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଭବିଷ୍ୟତ ଜୀବନ ଉନ୍ନତି କାମନା କରିଛି।

# କୋରାପୁଟ: ୯୨ ପଜିଟିଭ

- ୪ ଦିନରେ ସର୍କଲ ଜେଲରୁ ବାହାରିଲେଣି ୩୭
- ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨ହଜାର ଟପିଲା

କୋରାପୁଟ,୧୯।୮ (ସ୍ୱ.ପ୍ର.)

କୋରାପୁଟ ଜିଲାରେ ଦିନକୁ ଦିନ କରୋନା ଟେଷ୍ଟ ବଢୁଛି। ସେହି ଅନୁପାତରେ ପଜିଟିଭଙ୍କ ସଂଖ୍ୟାରେ ବୃଦ୍ଧି ପାଇଛି । ବିଶେଷ କରି ଜିଲାର କୋରାପୁଟ ସର୍କଲ ଜେଲ କ୍ୱାରାଣ୍ଟାଇନରୁ ଗତ ୪ ଦିନରେ ୩୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ବୁଧବାର ଏହି ଜେଲ କ୍ୱାରାଣ୍ଟାଇନରୁ ୫ ଜଣ ଓ ଜେଲ କଲୋନୀରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହା ଜେଲରେ ଥିବା ଅନ୍ତେବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବୁଧବାର କୋରାପୁଟ ଜିଲାରୁ ୯୨ ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୭୭ ହୋଇଛି । ୯୨ ଆକ୍ରାନ୍ତଙ୍କ ମଧ୍ୟରେ ଟିଏମସିରୁ ଜଣେ, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୭୧ ଓ ୨୦ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଆନ୍ଧ୍ର ଫେରନ୍ତା ରହିଛନ୍ତି। ଜୟପୁର ମ୍ୟୁନିସିପାଲିଟିରୁ ୨୩ ଜଣ, କୋରାପୁଟ ମ୍ୟୁନିସିପାଲିଟିରୁ ୨୩, ସୁନାବେଡା ମ୍ୟୁନିସିପାଲିଟିରୁ ୧୧ ଜଣ ରହିଛନ୍ତି। ବନ୍ଧୁଗାଁରୁ ୫, ବୋରିଗୁମ୍ମା ବ୍ଲକରୁ ଜଣେ, ଦଶମନ୍ତପୁର ବ୍ଲକରୁ ଜଣେ, ଜୟପୁର ବ୍ଲକରୁ ଜଣେ ,କୋରାପୁଟ ବ୍ଲକରୁ ୨, କୋଟପାଡ ବ୍ଲକରୁ ଜଣେ, ଲକ୍ଷ୍ମୀପୁର ବ୍ଲକରୁ ୩ , ଲମତାପୁଟ ବ୍ଲକରୁ ଜଣେ, ନନ୍ଦପୁର ବ୍ଲକରୁ ଜଣେ, ନାରାୟଣପାଟଣା ବ୍ଲକରୁ ୧୩, ପଟ୍ଟାଙ୍ଗି ବ୍ଲକରୁ ୫ ଓ ସେମିଳିଗୁଡା ବ୍ଲକରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି।

# କରୋନା ଉଜାଡ଼ିଛି ଡଙ୍ଗରିଆଙ୍କ ଜୀବନ ଜୀବିକା

ବିଷମକଟକ,୧୯।୮:



ଡଙ୍ଗରିଆ ମହିଳାମାନେ କରଡ଼ି ବିକ୍ରି ପାଇଁ ଘର ଘର ବୁଲୁଛନ୍ତି।

- ହାଟରେ ପନିପରିବା, ଜଙ୍ଗଲଜାତ ଦ୍ରବ୍ୟ ବିକି ପରିବାର ଚଳାନ୍ତି
- କରୋନା ଯୋଗୁ ସବୁ ବାଟ ବନ୍ଦ
- ଘର ଘର ବୁଲି ବିକିଲେ ମଧ ସରୁନି ପରିବା, କରଡ଼ି

ପାହାଡ଼ ପର୍ବତ ଘେରା ରାୟଗଡ଼ା ଜିଲାର ମୁନିଗୁଡ଼ା, ବିଷମକଟକ, କଲ୍ୟାଣସିଂହପୁର ବ୍ଲକ୍‌ର ୧୧୭ବର୍ଗ କିଲୋମିଟର ମଧ୍ୟରେ ଥିବା ଆଦିମ ସଭ୍ୟତାର ଅନ୍ତୁଡ଼ିଶାଳ ହେଉଛି ନିୟମଗିରି। ଏହା ଆମ ସଭ୍ୟତା, ସଂସ୍କୃତି ଏବଂ ଐତିହ୍ୟ ବହନକରେ। ୧୯୭୮ ମସିହାରେ ସରକାରଙ୍କ ପକ୍ଷରୁ ଚାଟିକଣା ଏବଂ ପାର୍ଶାଲିଠାରେ 'ଡଙ୍ଗରିଆ ଉନ୍ନୟନ ସଂସ୍ଥା' ଗଠିତ ହୋଇଥିଲା। ଏହି ସଂସ୍ଥା ଡଙ୍ଗରିଆଙ୍କ ଉନ୍ନତିର ସମସ୍ତ ଦାୟିତ୍ୱ ନେଇଥିଲା। ଅଞ୍ଚଳରେ ରହିଥିବା ୧୦୪ ଗ୍ରାମର ୨୦୭୫ ପରିବାର ଏବଂ ୧୦ ହଜାର ୩ଶହ ୩୪ ଜନସାଧାରଣଙ୍କ ବିକାଶ ପାଇଁ ସେ ସମୟର ଅନେକ ଯୋଜନା ଆରମ୍ଭ ହୋଇଥିଲା। ଏବେ ସ୍ୱାଧୀନତା ପ୍ରାପ୍ତିର ୭୪ ବର୍ଷ ଏବଂ ଡଙ୍ଗରିଆ ଉନ୍ନୟନ ସଂସ୍ଥା ଜନ୍ମନେବାର ୪୨ବର୍ଷ ବିତିଯାଇଛି। ଏଠାରେ ସରକାରଙ୍କ ବିକାଶର କାର୍ଯ୍ୟକ୍ରମ ଯାହାବି ହେଉ, ଏମାନେ କିନ୍ତୁ ସରଳ, ବିଶ୍ୱାସୀ ଏବଂ ସ୍ୱାଭିମାନୀ। କାହା ଆଗରେ ହାତ ପତେଇବା ବଦଳରେ ଏମାନେ ନିଜ ମାଟିରେ ପରିଶ୍ରମ କରି ତେଲ, ଲୁଣ ସଂସାର ଚଳାନ୍ତି। ଉତ୍ପାଦିତ ପନିପରିବା, ମାଣ୍ଡିଆ, ବାଜରା, ମକା, କାଙ୍ଗୁ, କାନ୍ଦୁଲ, ସୁଆଁ, ଅଦା, ଅଳସୀ, ହଳଦୀ ଓ ପାହାଡ଼ରୁ ମିଳୁଥିବା କନ୍ଦା, ଜଙ୍ଗଲରୁ ଆମ୍ବ, ପଣସ, ସପୁରି, କମଳା, ତେନ୍ତୁଳି, ଖଲିପତ୍ର, ବାଉଁଶ, ଦଉଡ଼ି, ଜାଲେଣିକାଠ, ମହୁ, ଝୁଣା, ଔଷଧୀୟ ଚେରମୂଳି, ବିଭିନ୍ନ ଛତୁ, କରଡି(ବାଉଁଶ ଗଜା), ଫୁଲଝାଡୁ ଆଦିକୁ ନିକଟସ୍ଥ ମୁନିଖୋଲ, ହାଟ ମୁନିଗୁଡ଼ା, ଦହିଖାଲ, ଅମ୍ବାଦଳା, ବିଷମକଟକ, କଲ୍ୟାଣସିଂହପୁରସ୍ଥିତ ସାପ୍ତାହିକ ହାଟରେ ବିକ୍ରି କରିଥାନ୍ତି। ଏସବୁ ଜିନିଷର ମଧ ବେଶ୍ ଚାହିଦା ରହିଛି। ଏମାନଙ୍କଠାରୁ ପନିପରିବା ଏବଂ ଜଙ୍ଗଲଜାତ ଦ୍ରବ୍ୟ କିଣବା ପାଇଁ ଗ୍ରାହକ ଅପେକ୍ଷା କରିଥାନ୍ତି। ହେଲେ କରୋନା ଡଙ୍ଗରିଆଙ୍କ ଜୀବନ ଜୀବିକା ଉଜାଡ଼ିଦେଇଛି। ସମସ୍ତ ହାଟ, ବଜାର ବନ୍ଦ ଯୋଗୁ ଖରାଦିନରେ ପଣସ, ସପୁରି ପଚି ନଷ୍ଟ ହେଲା। କମ୍ ଦରରେ ଦେଲେ ମଧ କରୋନା ଭୟରେ ଲୋକେ ନେଲେନି। ଏବେ ଡଙ୍ଗରିଆମାନେ ସମସ୍ତଙ୍କ ପ୍ରିୟ କରଡି ଧରି ଘର ଘର ବୁଲୁଛନ୍ତି। ହେଲେ ତାହା ମଧ ସରୁ ନ ଥିବା କେତେଜଣ ଡଙ୍ଗରିଆ ମହିଳା କହିଛନ୍ତି। କରଡି ବିଡ଼ା ୧୦ଟଙ୍କା ବଦଳରେ ଘର ଘର ବୁଲି ୩ ବିଡ଼ାକୁ ୧୦ଟଙ୍କାରେ ଯାଚୁଛନ୍ତି। ବଳକା ଜିନିଷ ବାହାରେ ଫୋପାଡ଼ିବାକୁ ବାଧ ହେଉଥିବା କେତେକ ଡଙ୍ଗରିଆ ମହିଳା କହିଛନ୍ତି। ଜିଲାରେ କରୋନା କାୟାବିସ୍ତାର କରିଥିବାବେଳେ ଡଙ୍ଗରିଆଙ୍କ ଜୀବନ ଜୀବିକା ବିପଦରେ ପଡ଼ିଛି। କରୋନା ମୁକାବିଲା ପାଇଁ ଏବେ ସମସ୍ତେ ବ୍ୟସ୍ତ। ହେଲେ ଏହି ଡଙ୍ଗରିଆମାନଙ୍କ ଆର୍ଥିକ ସ୍ଥିତି ସୁଧାରିବା ଦିଗରେ ପ୍ରଶାସନ ଏବଂ ସରକାର ଦୃଷ୍ଟି ଦେବାପାଇଁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି।

# ରୟାଲ ଜୁନିୟର କଲେଜ ଛାତ୍ରୀ ହେଲେ ଜିଲା ଟପ୍ପର

ଜୟପୁର,୧୯।୮(ଡି.ଏନ.ଏ )

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ଚଳିତବର୍ଷର ଯୁକ୍ତ ୨ ବାଣିଜ୍ୟ ବିଭାଗ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କୋରାପୁଟ ଜିଲା ଜୟପୁର ସହରର ରୟାଲ ଜୁନିୟର କଲେଜର ବାଣିଜ୍ୟ ବିଭାଗ ଛାତ୍ରୀ ଅଙ୍କିତା ପାଣିଗ୍ରାହୀ ୫୨୩ (୮୭.୮୩) ପ୍ରତିଶତ ନମ୍ବର ରଖି ଜିଲାର ଟପ୍ପର ହୋଇଛନ୍ତି । ରୟାଲ ଜୁନିୟର କଲେଜର ୪୯ଜଣଙ୍କ ମଧ୍ୟରୁ ୪୮ ଜଣ ପାସ କରିଛନ୍ତି । ପ୍ରଥମ ଶ୍ରେଣୀରେ ୨୭, ଦ୍ୱିତୀୟ ଶ୍ରେଣୀରେ ୪ ଏବଂ ତୃତୀୟ ଶ୍ରେଣୀରେ ୧୪ ଜଣ ରହିଛନ୍ତି । ବିକ୍ରମଦେବ ସରକାରୀ ଜୁନିୟର ମହାବିଦ୍ୟାଳୟର ଛାତ୍ର ପ୍ରଫୁଲଚନ୍ଦ୍ର ଧୋବା ମହାବିଦ୍ୟାଳୟରେ ପ୍ରଥମ, ଛାତ୍ରୀ ଅଙ୍ଗଜଲା ଗାୟତ୍ରୀ ଦ୍ୱିତୀୟ ଏବଂ ପାୟଲ ଭଂସାଲି ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି । ଏହି ମହାବିଦ୍ୟାଳୟର ୨୩୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୯୯ଜଣ ପାସ କରିଛନ୍ତି ।

# ରାୟଗଡ଼ା ଜିଲାରେ କରୋନାର ଲମ୍ଫଡିଆଁ

**୨୪ ଘଣ୍ଟାରେ ୨୧୧ ସଂକ୍ରମିତ ଚିହ୍ନଟ, ୧୨ ଯୋଦ୍ଧା**

ରାୟଗଡ଼ା ଅଫିସ/ଗୁଣପୁର, ୧୯।୮(ଡି.ଏନ୍.ଏ.):

ରାୟଗଡ଼ା ଜିଲାରେ କରୋନା ଲମ୍ଫଡିଆଁ ମାରିଛି। ଗତ ୩ଦିନ ଧରି ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ବୁଧବାର ଜିଲାରୁ ୨୧୧ ପଜିଟିଭ ଚିହ୍ନଟ ହୋଇଥିବା ନେଇ ସୂଚନା ମିଳିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ କୋଲନରା ବ୍ଲକ୍‌ରୁ ୪୭ଜଣ, ବିଷକମଟକରୁ ୪୫, ରାୟଗଡ଼ା ଗ୍ରାମାଞ୍ଚଳରୁ ୨୮, ରାୟଗଡ଼ା ସହରାଞ୍ଚଳରୁ ୨୨, ଗୁଡାରିରୁ ୧୯, କଲ୍ୟାଣସିଂହପୁରରୁ ୧୫, ଚନ୍ଦ୍ରପୁରରୁ ୧୦, ଗୁଣୁପୁର ଗ୍ରାମାଞ୍ଚଳରୁ ୮, ଗୁଣୁପୁର ସହରାଞ୍ଚଳରୁ ୩ , ରାମନାଗୁଡ଼ାରୁ ୭, ମୁନିଗୁଡ଼ାରୁ ୬ ଏବଂ ପଦ୍ମପୁରରୁ ଜଣେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୨ କୋଭିଡ୍ ଯୋଦ୍ଧା ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୫୫୭ରେ ପହଞ୍ଚିଛି। ରାୟଗଡ଼ା ସହରାଞ୍ଚଳରୁ ୨୨ ପଜିଟିଭ ବାହାରିବା ପରେ ଏସ୍‌ବିଆଇ ଷ୍ଟେଶନ ବଜାର ଶାଖାକୁ ଜିଲାପାଳ ୨୦ରୁ ୨୨ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି। ଅନ୍ୟପକ୍ଷରେ ଜିଲାରେ ସଂକ୍ରମିତ ସଂଖ୍ୟା ବଢୁଥିବାରୁ ଏବେ ଏହି ଜିଲା ରାଜ୍ୟ ସରକାରଙ୍କ ଫୋକସ୍‌ରେ ରହିଛି।

# ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ କରି ଲୁଟୁଛନ୍ତି ଟଙ୍କା

ଜୟପୁର,୧୯।୮ (ନି.ପ୍ର.)



ଠକେଇର ଶିକାର ହୋଇଥିବା ଦୁଇ ବ୍ୟକ୍ତି ଥାନାରେ ଅଭିଯୋଗ କରୁଛନ୍ତି ।

**ସାଇବର ଠକେଇ**

ସାଇବର ଠକେଇର ନୂଆ ତରିକା। ଟାର୍ଗେଟରେ ରହିଛି ସୋସିଆଲ ସାଇଟ ଫେସବୁକ। ଦୁର୍ବୃତ୍ତମାନେ ସୋସିଆଲ ସାଇଟ ଫେସବୁକକୁ ହ୍ୟାକ କରି ଟଙ୍କା ଲୁଟ ପାଇଁ ଉଦ୍ୟମ କରୁଛନ୍ତି। ଜୟପୁରରେ ଏକାଧିକ ବ୍ୟକ୍ତିଙ୍କ ଫେସବୁକ ଆକାଉଣ୍ଟ ଏପରି ହ୍ୟାକ ହେବା ପରେ ଏବେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏବେ ସୋସିଆଲ ମିଡ଼ିଆର କ୍ରେଜ ବଢଛି। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ଏବେ ଫେସବୁକରେ ଆକ୍ଟିଭ ରହୁଛନ୍ତି। ଏହାର ଫାଇଦା ଦୁର୍ବୃତ୍ତମାନେ ଉଠାଉଛନ୍ତି। ଫେସବୁକକୁ ମାଧ୍ୟମ କରି ଟଙ୍କା ଲୁଟ କରୁଛନ୍ତି। ଏମାନେ କେତେକ ନିର୍ଦ୍ଦିଷ୍ଟ ଫେସବୁକ ଆକାଉଣ୍ଟକୁ ହ୍ୟାକ କରି ସେଥିରେ ଥିବା ବନ୍ଧୁମାନଙ୍କ ସହ ପ୍ରଥମେ ଚାଟ୍ କରି ବିଶ୍ୱାସ ଜନ୍ମାଉଛନ୍ତି। ପରେ ଅସୁବିଧାରେ ପଡିଥିବା ଦର୍ଶାଇ ଟଙ୍କା ମାଗୁଛନ୍ତି। ଏଥିପାଇଁ ସେମାନେ ଗୁଗୁଲ ପେ ଓ ଫୋନ ପେ ଆପ ଜରିଆରେ ଟଙ୍କା ପଠାଇବା ପାଇଁ କହୁଛନ୍ତି। ଏପରିକି କେତେକ କ୍ଷେତ୍ରରେ ଏମାନେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇ ସେଥିରେ ଟଙ୍କା ଟ୍ରାନ୍ସଫର କରିବାକୁ କହୁଛନ୍ତି। କିଛି ଲୋକ ଏମାନଙ୍କ ଜାଲରେ ଫସି ଟଙ୍କା ଦେଉଥିବା ଜଣାପଡିଛି। ପରେ ଠକେଇର ଶିକାର ହୋଇଥିବା ଜାଣି କେହିକେହି ନୀରବ ରହିଛନ୍ତି। କେହି କେହି ଥାନାର ଆଶ୍ରୟ ନେଇଛନ୍ତି। ଠକେଇର ଶିକାର ହୋଇଥିବା ଜୟପୁରର ବି.ଭଗବାନ ପାତ୍ର ଓ ସହଦେବ ପଟ୍ଟନାୟକ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଜୟପୁର ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ଯୋଗଯୋଗ କରିବାରୁ ସେ କହିଲେ ଯେ, ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଛି। ରାଜ୍ୟ ବାହାରର କିଛି ଦୁର୍ବୃତ୍ତ ଏଥିରେ ସାମିଲ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ସେ କହିଛନ୍ତି। ତେବେ ସମସ୍ତ ମାମଲା ସାଇବର ସେଲକୁ ହସ୍ତାନ୍ତର କରାଯାଇଛି। ଫେସବୁକ ମେସେଞ୍ଜରରେ କେହି ଟଙ୍କା ମାଗିଲେ ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫୋନରେ ଯୋଗାଯୋଗ କରନ୍ତୁ। ଅଚିହ୍ନା ଲୋକଙ୍କ ମେସେଜକୁ ରିପ୍ଲାଏ ନ କରିବାକୁ ଥାନା ଅଧିକାରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଅଧିକାଂଶ ସମୟରେ ଫେସବୁକ୍ ବ୍ୟବହାରକାରୀ ନିଜ ଆକାଉଣ୍ଟ ସାଇନ ଆଉଟ କରନ୍ତି ନାହିଁ। ଏପରିକି କମନ ପାସୱାର୍ଡ ବି ଦେଇଥାନ୍ତି,ଯାହା ଆକାଉଣ୍ଟ ହ୍ୟାକ କରିବାକୁ ହ୍ୟାକରଙ୍କୁ ସହଜ ହୋଇଥାଏ।

### ଗଣେଶପୂଜା ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ

ରାୟଗଡ଼ା ଅଫିସ/ଗୁଣପୁର, ୧୯।୮(ଡି.ଏନ୍.ଏ.):

ରାୟଗଡ଼ା ଜିଲାରେ ଗଣେଶପୂଜା ପାଳନକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ସ୍କୁଲ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀଙ୍କୁ ନେଇ ସାମାଜିକ ଦୂରତା ନିୟମ ଅନୁଯାୟୀ ପାଳନ କରାଯିବ। ତେବେ ଏଥିରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ ନାହିଁ। ସେହିପରି ଘରେ ସୁରକ୍ଷା ନିୟମକୁ ପାଳନ କରି ଗଣେଶଙ୍କ ପୂଜା କରିପାରିବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେବେ କରୋନା ଗାଇଡ୍‌ଲାଇନ୍‌କୁ କୌଣସିଠାରେ ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି।

# ଯାଚିନା ଲିଖିତା ରାୟଗଡ଼ା ଜିଲା ଟପ୍ପର

**ଯୁକ୍ତ୨ ବାଣଜ୍ୟ ପରୀକ୍ଷାଫଳ**

ରାୟଗଡ଼ା ଅଫିସ,୧୯।୮:

ଦ୍ୱାରା ପରିଚାଳିତ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ରାୟଗଡ଼ା ଜିଲାରେ ପାସ୍‌ହାର ୫୦ ପ୍ରତିଶତ ରହିଛି। ଚଳିତବର୍ଷ ବାଣିଜ୍ୟ ସ୍ରୋତରେ ଜିଲାରୁ ୨୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୪୧ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ରେଗୁଲାରରେ ୪୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୩୫ ଏବଂ ତୃତୀୟ ଶ୍ରେଣୀରେ ୫୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାଚିନା ଲିଖିତା ୫୨୬ ନମ୍ବର(୮୭%) ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ବାରଣାସି ନିଖିଲ କୁମାର ୫୨୦ ନମ୍ବର(୮୬.୬୬%) ରଖି ଦ୍ୱିତୀୟ ଏବଂ ଭି. ତନୁଜା ୫୧୪ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ଏକ୍ସରେଗୁଲାରରେ ମୋଟ ୬୦ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୭ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ଜଣେ ମଧ ପାସ୍ କରି ନ ଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୨ଜଣ ଏବଂ ତୃତୀୟ ଶ୍ରେଣୀରେ ୧୫ଜଣ ପାସ୍ କରିଥିବା ସୂଚନା ମିଳିଛି।

# ଏଆର୍‌ଆଇଆଇଏ ର୍‌ୟାଙ୍କିଙ୍ଗ୍-୨୦୨୦ ରେ ଗୁଣପୁର ଜିଆଇଇଟି

ଗୁଣପୁର,୧୯।୮(ଡି.ଏନ୍.ଏ.)

ଅଟଳ ର୍‌ୟାଙ୍କିଙ୍ଗ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ ଇନୋଭେଶନ ଆଚିଭ୍‌ମେଣ୍ଟ୍ସ(ଏଆର୍‌ଆଇଆଇଏ)- ୨୦୨୦ ପ୍ରକାଶ ପାଇଛି। ଏଥିରେ ପୂର୍ବଭାରତର ଏକମାତ୍ର ବୈଷୟିକ ଶିକ୍ଷାନୁଷ୍ଠାନ ଭାବେ ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ୨୬ରୁ ୫୦ ବର୍ଗର ର୍‌ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅଭିନବୀକରଣ ବିଭାଗ, ଶିକ୍ଷା ମନ୍ତ୍ରଣାଳୟ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦର ମିଳିତ ଆନୁକୂଲ୍ୟରେ ଏହି ର୍‌ୟାଙ୍କିଙ୍ଗ୍ ଘୋଷଣା କରାଯାଇଛି। ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଭିନବୀକରଣ, ସୃଜନଶୀଳତା, ଉଦ୍ୟୋଗକାରୀ କ୍ଷେତ୍ରକୁ ଦୃଷ୍ଟିରେ ରଖି ର୍‌ୟାଙ୍କ୍ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ୍.ଭି.ଜେ. ରାଓ ପ୍ରମୁଖ ଏଆର୍‌ଆଇଆଇଏ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପ୍ରେସ୍ ଲେଖି କାର୍‌ରେ ଗଞ୍ଜେଇ ଚାଲାଣ

**୧.୪୭ ଲକ୍ଷ ଟଙ୍କା ଜବତ, ୫ ଗିରଫ**

ଫୁଲବାଣୀ ଅଫିସ, ୧୯।୮

କନ୍ଧମାଳ ଜିଲାରେ ଚୋରା ବ୍ୟବସାୟୀମାନେ ବିଭିନ୍ନ ଉପାୟରେ ଗଞ୍ଜେଇ ଚାଲାଣ କରୁଛନ୍ତି। ସେପଟେ ଜିଲା ଚାରିପଟେ କରୋନା ପାଇଁ ଚେକିଂ କଡାକଡି କରାଯାଉଛି। ବିନା ପାସ୍‌ରେ ଗାଡିଗୁଡିକୁ ଛଡା ଯାଉନାହିଁ। ଏଭଳି ସ୍ଥିତିରେ ମଧ ଗଞ୍ଜେଇ ମାଫିଆ ନୂଆ କୌଶଳ ଆପଣାଉଛନ୍ତି। ପ୍ରେସ୍ ଲେଖା ଥିବା ଏକ କାର୍‌ରେ ଗୋଚ୍ଛାପଡା ଥାନା ସଲାଗୁଡାରୁ ଗଞ୍ଜେଇ ଚାଲାଣ ବେଳେ ସୁନାମୁହିଁ ପୋଲ ପାଖରେ ବୁଧବାର ପୋଲିସ କାବୁ କରିଛି। ଗାଡିରୁ ୧୦୨ କେଜି ଗଞ୍ଜେଇ, ୧ ଲକ୍ଷ ୪୭ ହଜାର ଟଙ୍କା, ୪ଟି ମୋବାଇଲ, ଏକ ବୁମ୍ ଜବତ ହୋଇଛି। ଏହି ଘଟଣାରେ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଛତିଶଗଡର କ୍ରିଷ୍ଣ ଚୌହାନ, ଅର୍ଜୁନ ଯାଦବ, ପରମାନନ୍ଦ ଯାଦବ, ଷ୍ଟିଫାନ୍ ଟିଗୋ ଓ ସଲାଗୁଡାର ଆଦାମ ଦିଗାଲ। ଗୋଚ୍ଛାପଡା ଅଞ୍ଚଳରୁ ବୌଦ୍ଧ ଜିଲା କଣ୍ଟାମାଳ ଦେଇ ଛତିଶଗଡକୁ ଏହି ଗଞ୍ଜେଇ ଚାଲାଣ ହେଉଥିବା ଜେରାବେଳେ ଅଭିଯୁକ୍ତ କହିଛନ୍ତି। ଏ ନେଇ ନଂ.୪୭/୨୦ରେ ମାମଲା ରୁଜୁ ହୋଇଥିବା ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

**ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ସରପଞ୍ଚ**

ଶଙ୍କରାଖୋଲ,୧୯।୮(ଡି.ଏନ୍.ଏ.)


ନିର୍ମାଣ ହୋଇଥିବା ଚଉତରା।

ଚକାପାଦ ବ୍ଲକ (ଏଲ୍)ବପଲମେଣ୍ଡି ପଞ୍ଚାୟତ ପିଇଓ ବିଷ୍ଣୁ ବେହେରା ସରକାରୀ ଅର୍ଥ ଆତ୍ମସାତ କରିଥିବାବେଳେ ନିୟମିତ ଅଫିସ ଆସୁ ନଥିବା ଜିଲାପାଳ ଡ. ବୃନ୍ଦା ଡିଙ୍କ ନିକଟରେ ସରପଞ୍ଚ ସାରଳା କହଁର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ରାଗାଗୁଡା ଗ୍ରାମ ନିକଟସ୍ଥ ବୁଢ଼ାବୁଢ଼ୀ ଘାଟିଠାରେ ଏକ ଚଉତରା ନିର୍ମାଣ ହୋଇଥିଲା। କାମ ସରିବା ପରେ ୭୫୦୦୦ଟଙ୍କା ବିଲ୍ କରାଯାଇଥିଲା। ସେପ୍ଟେମ୍ବର ୬ରେ ପିଇଓ ବେହେରା ଓ ସରପଞ୍ଚ କହଁର ଚେକ୍‌ରେ ଦସ୍ତଖତ କରିଥିଲେ। ଚଞ୍ଚକତା କରି ଚେକ୍ ନେଇ ପିଇଓ ବ୍ୟାଙ୍କରୁ ଟଙ୍କା ଉଠାଇ ଆଣିଥିଲେ। ପରେ ସରପଞ୍ଚଙ୍କୁ ଆଉ ଦେଇ ନ ଥିଲେ। ଏଥିସହିତ ଭତ୍ତା ଟଙ୍କା ମଧ୍ୟ ଆତ୍ମସାତ କରିଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଏନେଇ ବିଡ଼ିଓ ଅନିଲ କୁମାର ପଟ୍ଟନାୟକ, ଟିକାବାଲି ଥାନା ଅଧିକାରୀ ରେବତୀ ଶବରଙ୍କୁ ଲିଖିତ ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବାରୁ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସରପଞ୍ଚ ସାରଳା କହଁର। ଏନେଇ ପିଇଓ ବେହେରାଙ୍କୁ ପଚାରିବାରୁ ଟଙ୍କା ଉଠାଇ ଆଣିଛି ଦେଇଦେବି ବୋଲି କହିଥିଲେ। ଭତ୍ତା ଟଙ୍କା ମଧ ଦିଆଯିବ ବୋଲି ସେ କହିଛନ୍ତି।

